# ଚନ୍ଦ୍ରସେଣାର ସ୍ୱଗତୋକ୍ତି


ତୁମେ ଯେ ଭାବିଛ ମନେ ମନେ ମୋତେ ଚନ୍ଦ୍ରସେଣା
ମନ ଗହନର ରୌଦ୍ର ତାପରେ ଭସ୍ମୀଭୂତ ମୋ କଅଁଳ ଡେଣା
ଚଞ୍ଚଳ ରାଧା ମନ ପରଦାରେ ପାରିନାହିଁ ସୃଜି ସଂଗୀତ ଧାରା
ଶାନ୍ତ ସଲ୍ଲିଳା ଫଲଗୁର ବକ୍ଷେ ଯେପରି ଥାଏଟି ଲୁପ୍ତ ନିରା
ସ୍ନିଗ୍ଧ ନୟନେ ଚାହିଁନା ଗୋ ମୋତେ ପ୍ରେମେ କବଳିତ ସକଳ ବିଶ୍ୱ
ଉଦ୍ ବେଳିତ ମୋର ହୃଦୟ ଆକାଶେ ଫୁଟାଇ ପାରିନି
ତନ୍ଦ୍ରିତ ମୁହିଁ ନିପଟ ନିସ୍ୱ
ବର୍ଦ୍ଧିତ ଶ୍ମଶ୍ରୁ,ସ୍ପନ୍ଦିତ ହୃଦ ଅନୁଶୋଚନାରେ ଦଗ୍ଧିଭୂତ ମୁଁ ଚନ୍ଦ୍ରସେଣା
ମନ ଗହନର ରୌଦ୍ର ତାପରେ ଭସ୍ମୀଭୂତ ମୋ କଅଁଳ ଡେଣା ।

ସ୍ପନ୍ଦନ ଯାଗେ ହୃଦୟେ ମୋହର ଯେବେ ମୁଁ ଦେଖଇ
ପ୍ରଣୟ ବିଧୂରା ପ୍ରିୟାରେ ମୋର
ବନ୍ଧନ କରି ରଖିବା ଅଭିପ୍ସା ଯାଗିନାହିଁ କେବେ ଶୟନେ
ସପନେ ଅନ୍ତରେ ମୋର
ମନେ ସ୍ୱତଃ ଭାବେ ଅମଳିନ ରହୁ ଚିର ଶାଶ୍ୱତ
ପ୍ରେମ ବନ୍ଧନ ଗିରିଧରର
ରାଧାର ଚିବୁକ  ଦୃପ୍ତ ଦୀପାଳୀ ଉରସୁ ଝରୁ ଗୋ
ଜାହ୍ନବୀର ଏକ ଉଷ୍ମଧାର
ସବୁ ଦେଖି ଦେଖି, ସବୁ ଶୁଣି ଶୁଣି,ସବୁ ଜାଣି ଜାଣି
ହୋଇନି କେବେ ମୋ ବାଟବୁ ଭଣା
ମନ ଗହନର ରୌଦ୍ର ତାପରେ ଭସ୍ମୀଭୂତ ମୋ କଅଁଳ ଡେଣା ।

ଯେବେ ଦେଖେ ରାଧା ଅଭିସାରିକାରେ
            ଗଭୀର ନିଶୀଥେ ଚନ୍ଦ୍ରମା ସାଥେ
            ଧୀରେ ଧୀରେ ଗମେ ପୁଷ୍ପିତ ଏକ ଅତସୀ କୁଞ୍ଜେ
ଅଭିସାରିକାର ମୁଗ୍ଧ ଅଭିସାର ବିରହ ବିଧୁରେ
            ସଖିଗଣ ସ୍ନେହେ ଗଭାରେ ଗଜରା
            ନାଇ ଗମୁଛନ୍ତି ପୁଷ୍ପିତ ସେଇ ଅତସୀ କୁଞ୍ଜେ
ସ୍ପନ୍ଦିତ ମୋର ହୃଦୟ ତନ୍ତ୍ରୀରେ ଫୁଟାଇ ପାରିନି
            ପ୍ରେମର ଫୁଆରା ଭଗ୍ନ ହୃଦୟ
            ଚିର ସନ୍ତାପିତ,ଚନ୍ଦ୍ରସେଣା ମୁଁ ଚନ୍ଦ୍ରସେଣା
ମନ ଗହନର ରୌଦ୍ର ତାପରେ ଭସ୍ମୀଭୂତ ମୋ କଅଁଳ ଡେଣା ।

ଗଭୀର ନିଶୀଥେ ସ୍ୱପ୍ନ ଇଶାରେ ଦୂରରୁ ଦେଖଇ
                        ପ୍ରୀତି ସୁହାଗିନୀ ରାଧାରେ ମୋର
ବେଣୀ ବନ୍ଧନ ଫିଟି ସୁବାସରେ ପ୍ରେମିକ ପ୍ରବର
                        କୃଷ୍ଣ ଉରସେ ଲୋଟଇ ଚିର
କାମିନୀ ରସିଆ ଅଳପ ବୟସେ ନନ୍ଦର ବଳା ଷୋଳକଳା ନେଇ
                        ବିହରେ ସହସ୍ର ଗୋପିକା ସାଥେ
ପୂର୍ଣ୍ଣ ପୁରୁଷ ହୋଇ ପରାମୁହିଁ ଚନ୍ଦ୍ରଶେଣା ଲାଜେ ବୁଡ଼ିଯାଏ
                ଦେଖିଲେ ଗୋପୀଙ୍କୁ ଶରୀର ଲାଗଇ ଦୃପ୍ତ ଦୀପାଳୀ
                        ଜମିଯାଏ ପୁଣି ଘର୍ମ ମାଥେ
ସବୁ ଦେଖି ଦେଖି ଅନ୍ତରେ ଭାବେ କାହିଁକି ଯେ ବିହି
            ଗଢ଼ିଲା ମୋ ତନୁ କଳଙ୍କମୟ ମୁଁ ଚନ୍ଦ୍ରସେଣା
ମନ ଗହନର ରୌଦ୍ରତାପରେ ଭସ୍ମୀଭୂତ ମୋ କଅଁଳ ଡେଣା ।

ସାରା ସଂସାର କୃଷ୍ଣମୟ ଲାଗେ ସାଗର ମଧ୍ୟେ
ଲାଗଇ ଯେସନେ ଭଗ୍ନ ତର୍ଣୀ
ରସହୀନ ମୁଖେ ଜୀବନ ନଉକା ବାହି ମୁଁ ଚାଲିଛି
ପ୍ରିୟତମା ମୋର ରାଧା ଯେ ଅଟଇ ବିଟପୀ ନାରୀ
ଦୁର୍ନାମ ନୁହେଁ ଗୋପସାରା ରଟେ ରାଧାର ସୁନାମ
ପ୍ରେମକଳା ନେଇ ଜନ୍ମ ଯାହାର ଗିରିଧର
ଅଂଗ ସେବାର ଲାଗି
ସଭିଏଁ ଜାଣନ୍ତି ହୀନ ପୁରୁଷାର୍ଥ ଗୋପାଳ ମୁଁ ଗୋଟେ ଚନ୍ଦ୍ରସେଣା
ହୀନପରୁଷାର୍ଥ, ହୀନ ଦୁର୍ବଳ ହେଲେହେଁ ନାହିଁ ମୋ ଅନୁଶୋଚନା
ମନ ଗହନର ରୌଦ୍ରତାପରେ ଭସ୍ମୀଭୂତ ମୋ କଅଁଳ ଡେଣା । □□



ଯମୁନା ପୁଳିନେ ବଂଶୀ ବାଜିଲେ ମୋ ରାଧା ବାତୁଳୀ
ଘର ବର ଛାଡ଼ି ଦଉଡ଼େ ଘାଟେ
ଲଳିତା ବିଶାଖା ଯେତେ ଆକଟିଲେ ତନ୍ମୟୀ ରାଧା
ମାନେନା କାହାରେ, କଦମ୍ବର ମୂଳେ ଶ୍ୟାମକୁ ଭେଟେ
ଗୋପ ଯାକ ଯେତେ ଗୋରସ ଲବଣୀ, ଦହି ସରଖିଆ
କାହ୍ନୁ ଖୁଆଏ ସଖାରେ ତାର ସଂଗୋପନର
କଳସୀ କାଖେଇ ଗୋପ ଲଳନାଏ ଯମୁନା ଫେରନ୍ତା
ବାଟକୁ ଅନାଇ ରହିଥାଏ କାହ୍ନା କଳସ ଭାଙ୍ଗିବ ଥରକୁ ଥର
ସବୁ ମୁଁ ଦେଖଇ, ସବୁ ମୁଁ ଶୁଣଇ ଦିନେ ହେଲେ ମନେ
ଈର୍ଷା ଯାଗେନା ଯା ପାଇଁ ମୋ ନାମ ଚନ୍ଦ୍ରସେଣା
ମନ ଗହନର ରୌଦ୍ର ତାପରେ ଭସ୍ମୀଭୂତ ମୋ କଅଁଳ ଡେଣା ।

ରାଧାର ଲାସ୍ୟ ଦେହର ସୁଗନ୍ଧ ଦିନେ ହେଲେ ନାହିଁ
ଉପଭୋଗ କରି ଭର୍ତ୍ତା ମୁଁ ତାର
ହେମ କଙ୍କଣ, ବାହୁବନ୍ଧନ, ମୁଖଚୁମ୍ବନ ସତେକି ସେ ସବୁ
ମୋ ଦେହ ଆଶ୍ରମୁ ଅନେକ ଦୂର
ପ୍ରୀତି ସୁହାଗିନୀ ରାଧାର ତନୁଶ୍ରୀ ଉପବନେ ମୁଁ ଯେ
ରକ୍ଷକ ତାର ଫଳ ଆସ୍ୱାଦନେ ନାହିଁ ଭାବନା
'ପ୍ରୀତି ତନ୍ମୟ' 'ମଧୁ ବଳୟ' 'ସୁଶ୍ରୀ ଆଳୟ' ମୋ ପାଇଁ
ଏ ମାନ ସରଗର ଚାନ୍ଦ ବାମନର ସାର ଅନୁଶୋଚନା
ସାରା ଗୋପଦାଣ୍ଡେ ବାଜଇ ବାଜଣା ହୀନ ଦୁର୍ବଳ
ଅନ୍ତଃସାର ଶୂନ୍ୟ ଚନ୍ଦ୍ରସେଣା ମୁଁ ଚନ୍ଦ୍ରସେଣା
ମନ ଗହନର ରୌଦ୍ର ତାପରେ ଭସ୍ମୀଭୂତ ମୋ କଅଁଳ ଡେଣା ।